# ସେକସରାଇ (କ) ବାଲି ସୈରାତର ଜନଶୁଣାଣି ସ୍ଥଗିତ

ବାଲେଶ୍ୱର/ଜଳେଶ୍ୱର, ୪।୮ (ସମିସ)

ଓଡ଼ିଶା ଲଘୁ ଖଣିଜ ରିହାତି ଅଧିନିୟମ (ଓଏମଏମସି ରୁଲ)ରେ ଖିଲାପି କାରଣରୁ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଜଳେଶ୍ୱର ତହସିଲ ଅନ୍ତର୍ଗତ ସେକସରାଇ (କ) ବାଲି ସୈରାତର ଜନ ଶୁଣାଣିକୁ ସ୍ଥଗିତ ରଖିଛନ୍ତି। ୨୦୧୫-୧୬ ମସିହାରେ ଶେଷ ଥର ପାଇଁ ଏହି ବାଲି ସୈରାତର ନିଲାମୀ ପାଇଁ ଜନଶୁଣାଣୀ ହୋଇଥିଲା । ଦୀର୍ଘ ୧୦ ବର୍ଷର ବ୍ୟବଧାନ ପରେ ଓଏମଏମସି ରୁଲ ପାଳନ କରାନଯାଇ ସିଧାସଳଖ ବାଲି ଉତ୍ତୋଳନ ପାଇଁ ଜନ ଶୁଣାଣି କରାଯିବା ବେଆଇନ ଦର୍ଶାଇ ଜିଲ୍ଲା ପ୍ରଶାସନ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛି। ସେକସରାଇ (କ) ବାଲି ସୈରାତକୁ ଶାଗ ମାଛ ଦରରେ ନିଲାମ ଦିଆ ଯାଇଥିବା ବେଳେ ପାରିପାଶ୍ୱରିକ ପରିବେଶର ଆକଳନ ହୋଇନି। ଏହି ସୈରାତରେ ମହଜୁଦ ବାଲିର ଆକଳନ କରାଯାଇ ପୁନଃ ନିଲାମୀ ନେଇ ଲଘୁ ଖଣିଜ ବିଭାଗ ପରବର୍ତ୍ତୀ ନିର୍ଦ୍ଦେଶ ପରେ ଜଣାପଡ଼ିବ। ଉକ୍ତ ସୈରାତରୁ ବାଲି ଉତ୍ତୋଳନ ପାଇଁ ହେବାକୁ ଥିବା ସାନି ଜନଶୁଣାଣିକୁ ବନ୍ଦ ରଖିବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବାଲେଶ୍ୱର ଆଞ୍ଚଳିକ ଶାଖା ନିର୍ଦ୍ଦେଶ ଦେଇଥିଲା। ଜିଲ୍ଲା ପ୍ରଶାସନର ପରବର୍ତ୍ତୀ ନିର୍ଦ୍ଦେଶ କଣ ରହିବ ସେନେଇ ଅନିଶ୍ଚିତତା ଲାଗି ରହିଛି। ଜଳେଶ୍ୱର ତହସିଲ ଅଧିନ ସୁବର୍ଣ୍ଣରେଖା ନଦୀର ଅବବାହିକାରେ ୨୬ଟି ସୈରାତ ରହିଥିବା ବେଳେ ଏନଜିଟି ଯୋଗୁଁ ଦୀର୍ଘ ଦିନ ଧରି ସୈରାତ ବନ୍ଦ ପଡିଥିଲା। ଚଳିତବର୍ଷ କେତେକ ବାଲି ସୈରାତ ନିଲାମୀ ତରବରିଆ ଭାବେ କରାଯାଇଥିଲେ ହେଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସାନି ମଞ୍ଜୁରୀ, ଓଏମଏମସି ରୁଲ ପାଳନ ଆଦି କରାଯାଇ ନଥିବାରୁ ଆସନ୍ତା ୫ ତାରିଖ ଗ୍ରାମସଭାକୁ ବନ୍ଦ କରିବାକୁ ନିର୍ଦ୍ଦେଶ ହୋଇଛି । ରାଜ୍ୟ ପ୍ରଦୂଷଣ ବିଭାଗର ଚିଠି ସଂଖ୍ୟା ୩୩୦୦ ମୂଳେ ମହମ୍ମଦନଗର ପାଟଣା ସରପଞ୍ଚଙ୍କୁ ଜନ ଶୁଣାଣୀକୁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ପୂର୍ବତନ ସାଂସଦଙ୍କ ଜନ୍ମଦିନରେ ଫଳ ବଣ୍ଟନ

ବସ୍ତା ବ୍ଲକ, ୪।୮ (ସମିସ): ବାଲେଶ୍ୱର ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ଜନ୍ମଦିନ ଅବସରରେ ସୋମବାର ବସ୍ତା ଗୋଷ୍ଠୀସ୍ୱାସ୍ଥ କେନ୍ଦ୍ରରେ ବିଜୁ ଜନତା ଦଳ ତରଫରୁ ରୋଗୀ ମାନଙ୍କୁ ଫଳ ବଣ୍ଟନ କରାଯାଇଛି ଥିବା ଜଣା ପଡ଼ିଛି। ବିଜେଡି ବ୍ଲକ ସଭାପତି ଅନିଲ ମହାନ୍ତି, କୁଡ଼ିଆ ସରପଞ୍ଚ ଗୋରଙ୍ଗ ଚନ୍ଦ୍ର ବେହେରା, ଜିଲ୍ଲା ଯୁବ ଉପସଭାପତି ଅନୁପମ ମହାନ୍ତି, ବ୍ଲକ କାର୍ଯ୍ୟକାରିଣୀ ଦିଲ୍ଲୀପ ଦଳାଇ, ପତ୍ରଝଡା ସରପଞ୍ଚ ପ୍ରତିନିଧି ପ୍ରଦୀପ ବେହେରା,. ସମିତିସଭ୍ୟଙ୍କ ପ୍ରତିନିଧି ନଗେନ୍ଦ୍ର ସେଠି, ପୂର୍ଣ୍ଣଚନ୍ଦ୍ର ଜେନା, ପ୍ରଭାତ ବେହେରା, ଚକୁରି ସରପଞ୍ଚ ଗୌତମ ଦାସ, ତପନ ପାତ୍ର, ରାଉତ ପଡ଼ା ସରପଞ୍ଚ ମାୟାଧର ମଣି, ଜିଲ୍ଲା ପରିଷଦ ବିଷ୍ଣୁପ୍ରିୟା ବୁଗୁଡ଼ି, ଯୁବ ଜିଲ୍ଲା ସମ୍ପାଦକ ନୃସିଂହ ଦାସ, ବୈଦନାଥ ପାତ୍ର, ଇଡ଼ିଦା ସରପଞ୍ଚଙ୍କ ପ୍ରତିନିଧି ଦେବପ୍ରସାଦ ଭଞ୍ଜ, ରଞ୍ଜନ ଧଳଓ ଦଳର ବହୁ ନେତୃତ୍ୱ ଉପସ୍ଥିତ ରହି ଫଳ ବଣ୍ଟନ କରିଥିଲେ।

## ସାପ କାମୁଡାରେ ମହିଳା ମୃତ

ଖଇରା,୪।୮ (ସମିସ): ଖଇରା ଥାନା ମହତୀପୁର ଗ୍ରାମ ପଞ୍ଚାୟତ ଅଧୀନ ଦେଉରୀସାହି ଗ୍ରାମର ଶ୍ରୀକାନ୍ତ ଦେଉରୀଙ୍କ ସ୍ତ୍ରୀ କୁନି(୪୦) ସୋମବାର ସକାଳେ ବିଲକୁ ଗୋରୁବାନ୍ଧିବାକୁ ଯାଇଥିବା ବେଳେ ଏକ ବିଷଧର ସାପ କାମୁଡି ଦେଇଥିଲା। ସେ କୌଣସୀ ପୋକ କାମୁଡିଥିବା ସନ୍ଦେହରେ ଏହାକୁ ଗୁରୁତ୍ୱ ଦେଇନଥିଲେ। ହେଲେ କିଛି ଘଣ୍ଟା ପରେ ପ୍ରବଳ ଯନ୍ତ୍ରଣା ହେବାରୁ ପରିବାର ଲୋକେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଆସିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ସରପଞ୍ଚଙ୍କ ତରଫରୁ ପରିବାରକୁ ହରିଶ୍ଚନ୍ଦ୍ର ସହାୟତା ପ୍ରଦାନ କରାଯାଇଛି।

## ହାତଗୋଡ଼ ବାନ୍ଧି ଘରେ କଳାକନା ବୁଲାଇଲେ

ସୋର, ୪।୮ (ସମିସ): ସୋର ଥାନା ଦହିସଡା ଗ୍ରାମର ଜଣେ ବ୍ୟବସାୟୀଙ୍କ ଘରୁ ଗତକାଲି ବିଳମ୍ବିତ ରାତିରେ ହାତଗୋଡ଼ ବାନ୍ଧି ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ଜଣାପଡିଛି। ଏହି ଗ୍ରାମର ବ୍ୟବସାୟୀ ଜ୍ଞାନେନ୍ଦ୍ର ଉପାଧ୍ୟାୟଙ୍କ ପତ୍ନୀ ଏବଂ ତାଙ୍କ ମାଆ ଉଦଳା ଯାଇଥିବା ବେଳେ ଘରେ ତାଙ୍କ ସମେତ ତାଙ୍କ ଭଉଣୀ ଥିଲେ। ବିଳମ୍ବିତ ରାତିରେ ପାଞ୍ଚ ଜଣ ଦୁର୍ବୃର୍ତ୍ତ ବିଭିନ୍ନ ମରଣାସ୍ତ୍ର, ବନ୍ଧୁକ ଧରି ଘର ମଧ୍ୟରେ ପଶି ଜ୍ଞାନେନ୍ଦ୍ର ଏବଂ ତାଙ୍କ ଭଉଣୀଙ୍କ ହାତ ଗୋଡ଼ ବାନ୍ଧି ଭୟଭୀତ କରି ନଗଦ ଟଙ୍କା ସମେତ ପ୍ରାୟ ୫୦ ଲକ୍ଷ ଟଙ୍କାର ସୁନା ଗହଣା ଏବଂ ଉଭୟଙ୍କ ମୋବାଇଲ ଲୁଟ କରି ନେଇଯାଇଥିଲେ। ଆଜି ସକାଳେ ସ୍ଥାନୀୟ ଲୋକେ ମର୍ଣ୍ଣି ୱାକରେ ଆସିବା ପରେ ଜ୍ଞାନେନ୍ଦ୍ରଙ୍କ ନିକଟରୁ ଖବର ପାଇ ସୋର ଥାନାକୁ ଖବର ଦେଇଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି ।ତେବେ କିଛି ଦିନର ବ୍ୟବଧାନ ପରେ ଚୋର ମାନେ ପୁଲିସକୁ ଚାଲେଞ୍ଜ ଦେଇ ହାତଗୋଡ଼ ବାନ୍ଧି ଲୁଟ କରିଥିବାବେଳେ ସୋରରେ କୁକୁଆ ଭୟ ଖେଳାଇ ଦେଇଛି।

## ୮ଟି କାଠଗଣ୍ଡି ଜବତ

ଜଳେଶ୍ୱର, ୪।୮ (ସମିସ): ଜଳେଶ୍ୱର ବ୍ଲକ ମହମ୍ମଦନଗରପାଟଣା ପଂଚାୟତର ଜଗନ୍ନାଥ ମନ୍ଦିର ପଛପଟେ ଥିବା ସୁବର୍ଣ୍ଣରେଖା ନଦୀବନ୍ଧରୁ ଦୁର୍ବୃତ୍ତମାନେ ମୂଲ୍ୟବାନ ଆକାସିଆ ଗଛ କାଟି ନେଉଥିବା ଖବର ପାଇ ବନବିଭାଗ ଚଢଉ କରିଥିଲା। ରବିବାର ରାତିରେ ଦୁର୍ବୃତ୍ତ ଗଛଗୁଡିକୁ କାଟି କେତେକ ଗଣ୍ଡି ବୋହିନେବାବେଳେ ଆଜି ସକାଳେ ଖବର ପାଇ ଜଳେଶ୍ୱର ବନପାଳ ମିନାରାଣୀ ବେହେରା, ବନରକ୍ଷୀ ରଂଜିତା ବିଶ୍ୱାଳ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ୮ଟି ଗଣ୍ଡିକୁ ଜବ୍ତ କରିଥିଲେ। ଜବତ୍ ହୋଇଥିବା ଗଣ୍ଡିଗୁଡିକ ୮୦ ସିଏଫଟି ହେବ ବୋଲି ବନପାଳ କରିଛନ୍ତି।

## ରାସ୍ତାରେ ଝାମ୍ପିନେଲେ ୨ ଲକ୍ଷ

ଭୋଗରାଇ, ୪।୮ (ସମିସ): ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅଧୀନ ଦୁଡ଼ପଳ ଗ୍ରାମର ସତୀଶ ଚନ୍ଦ୍ର ସେଠୀ ସୋମବାର ଥାନାଛକ ସ୍ଥିତ ୟୁକୋ ବ୍ୟାଙ୍କ ରୁ ୨ ଲକ୍ଷ ଟଙ୍କାନେଇ ମଧ୍ୟାହ୍ନ ୧ଟା ସମୟରେ ଅଟୋରେ ଓହ୍ଲାଇ ଘରକୁ ଚାଲିଚାଲି ଯାଉଥିବାବେଳେ ପଛରୁ ଏକ ବାଇକରେ ୨ ଜଣ ଯୁବକ ତାଙ୍କ ବ୍ୟାଗରେ ଥିବା ସମସ୍ତ ଟଙ୍କାକୁ ଝାମ୍ପିନେଇଁ ଜଳେଶ୍ୱର ଚନ୍ଦନେଶ୍ୱର ରାସ୍ତାରେ ଦ୍ରୁତଗତିରେ ଚମ୍ପଟ ମାରିଥିବାର କମର୍ଦ୍ଦା ଥାନାରେ ଅଭିଯୋଗ ହୋଇଛି । ଏହି ଘଟଣାରେ ପୁଲିସ ଏକ ମାମଲା ରୁଜୁକରି ୟୁକୋ ବ୍ୟାଙ୍କରେ ସିସିଟିଭି ଫୁଟେଜ ଯାଞ୍ଚ ସହ ଦୁର୍ବୃତ୍ତଙ୍କୁ ଧରିବାରେ ଛାନଭିନ କରୁଥିବାର ସୂଚନା ମିଳିଛି।

## ଜଳେଶ୍ୱର ଫାର୍ମାସୀ କଲେଜରେ ନିଯୁକ୍ତି ମେଳା




ଜଳେଶ୍ୱର,୪।୮ (ସମିସ): ଜଳେଶ୍ୱର ଠାରେ ଥିବା ଓଡିଶାର ପ୍ରତିଷ୍ଠିତ "ଇନିଷ୍ଟ୍ୟୁଟ ଅଫ ଫାର୍ମାଟିକୁଲ ସାଇନ୍ସ' କଲେଜ ପରିସରରେ ରବିବାର ପ୍ରସିଦ୍ଧ ଫର୍ମାସୀ କମ୍ପାନୀ ମ୍ୟାକଲଡର୍ ପକ୍ଷରୁ ଏକ କ୍ୟାମ୍ପସ ନିଯୁକ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଚୟନ ପ୍ରକ୍ରିୟାରେ ୨୦୨୫ ବ୍ୟାଚରେ କୃତକାର୍ଯ୍ୟ ହୋଇଥିବା ଡି ଫାର୍ମ ଓ ବି ଫାର୍ମ ର ୪୧ ଜଣ ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିବା ବେଳେ ସେଥିମଧ୍ୟରୁ ୩୦ ଜଣ ଛାତ୍ର କମ୍ପାନୀର ଗୁଜୁରାଟ, ମହାରାଷ୍ଟ୍ର, ସିକିମ୍ ଓ ମଧ୍ୟପ୍ରଦେଶରେ ଥିବା ୟୁନିଟ ଗୁଡିକରେ ନିଯୁକ୍ତି ପାଇବେ ବୋଲି କମ୍ପାନୀର ବରିଷ୍ଠ ଜେନେରାଲ ମ୍ୟାନେଜର ଓ ଚୟନ କର୍ତ୍ତାମାନେ ସୂଚନା ଦେଇଛନ୍ତି। ପ୍ରତ୍ୟେକ ବର୍ଷ ବହୁ ନାମିଦାମୀ ଫର୍ମାସୀ କମ୍ପାନୀ ମାନଙ୍କୁ କ୍ୟାମ୍ପସ ନିଯୁକ୍ତି ପାଇଁ ନିମନ୍ତ୍ରଣ କରାଯାଇ ଛାତ୍ର ଛାତ୍ରୀମାନଙ୍କୁ ନିଯୁକ୍ତି ଦିଆଯାଇଥାଏ ବୋଲି ଫାର୍ମାସୀ କଲେଜର ନିର୍ଦ୍ଦେଶକ ପ୍ରତାପ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମକୁ କଲେଜ ପକ୍ଷରୁ ଆସୋସିଏଟ ପ୍ରଫେସର ହେମନ୍ତ କୁମାର ଖଟୁଆ ଓ ଅଶୋକ କୁମାର ମହାନ୍ତି ପରିଚାଳନା କରିଥିବା ବେଳେ ସହଯୋଗୀ ଅଧ୍ୟାପକ ପ୍ରମୁଖ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ଖଇରା ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



ଖଇରା,୪।୮ (ସମିସ): ଖଇରା ବ୍ଲକ ଅଧୀନ ନଟାପଡା ଛକସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ସୋମବାର ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି। ପରିଚାଳନା ସମିଟି ସଭାପତି ରାଧାକାନ୍ତ ପାତ୍ର ଏହାକୁ ଉଦଘାଟନ କରିଥିବା ବେଳେ ପ୍ରଧାନାଚାର୍ଯ୍ୟ ଶଶିକାନ୍ତ ଦାସ ବିଜ୍ଞାନ ମେଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶିଶୁ ଓ ବାଲବର୍ଗ ସ୍ତରରେ ଅନୁଷ୍ଠିତ ଗଣିତ ପ୍ରଶ୍ନ ମଞ୍ଚ, ପ୍ରକଳ୍ପ ଗଣିତ ପ୍ରୟୋଗ, ବିଜ୍ଞାନ ପ୍ରଶ୍ନମଞ୍ଚ, ବିଜ୍ଞାନ ପ୍ରୟୋଗ, ବିଜ୍ଞାନ ପ୍ରକଳ୍ପ, ପତ୍ର ବାଚନରେ ୬୨ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଦୈବିକ ନାୟକ, ପାଏଲ ଲେଙ୍କା, ଅଭିଳାଶ ମିଶ୍ର, ଦିବ୍ୟାଂଶୁ ପଣ୍ଡା, ସାଇରାମ ବେହେରା, ଜ୍ଞାନବୀର ମହାରଣା, ପ୍ରଣବ ନାୟକ, ଦିବ୍ୟାଲିପ୍ସା ନାୟକ, ଚନ୍ଦ୍ରଶେଖର ଜେନା, ଅଭିଲିପ୍ସା ସାହୁ, ଶୁଭାଦିତ୍ୟ ମହାନ୍ତି, ପ୍ରିତୀପ୍ରଜ୍ଞା ଦାସ, ରାଜଲକ୍ଷ୍ମୀ ନାୟକ, କ୍ରିତିକା ଲେଙ୍କା ପ୍ରମୁଖ ସଂକୁଳ ସ୍ତରକୁ ମନୋନୀତ ହୋଇଛନ୍ତି। ଗୁରୁମା ଅହଲ୍ୟା ପାଣି, ସବିତା ମହାନ୍ତି, ରଶ୍ମିରେଖା ଲେଙ୍କା, ଶୁଭସ୍ମିତା ପ୍ରଧାନ ଓ ଗୁରୁଜୀ ପ୍ରଭାକର ଓଝା, ଡମ୍ବରୁ ଜେନା, ସୁବ୍ରତ ସାହୁ, ପ୍ରମୁଖ ବିଜ୍ଞାନ ମେଳା ପରିଚାଳନାରେ ସହଯୋଗ କରିଥିଲେ।

## ପେଟ୍ରୋଲ ପମ୍ପରୁ ପିକ୍‌ଅପ୍ ଚୋରି ଅଭିଯୋଗ

ସୋର,୪।୮ (ସମିସ): ସୋର ଥାନା ଠାରୁ ମାତ୍ର ୧୦୦ ମିଟର ଦୁରରେ ଥିବା ଏକ ପେଟ୍ରୋଲ ପମ୍ପରୁ ଗତ କାଲି ରାତିରେ ଏକ ପିକଅପ ଭ୍ୟାନ ଚୋରି ହୋଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ସୋର ଥାନା ତିଳଦା ଗ୍ରାମର ସୁଶାନ୍ତ କୁମାର ମଲିକ ପ୍ରତିଦିନ ଭଳି ଗତକାଲି ସଂଧ୍ୟାରେ ଏକ ପିକଅପ ଭ୍ୟାନଟିକୁ ୧୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଭାରତ ପେଟ୍ରୋଲପମ୍ପରେ ରଖିଥିଲେ। ମାତ୍ର ଆଜି ସକାଳେ ଗାଡିଟି ରଖିଥିବା ସ୍ଥାନରେ ନ ପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନପାଇ ଶେଷରେ ସୋର ଥାନାରେ ଗାଡି ଚୋରୀ ହୋଇଥିବା ନେଇ ଅଭିଯୋଗ କରିଛନ୍ତି। ଅଭିଯୋଗ ମୂଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

## ବିକଳାଙ୍ଗ ଭତ୍ତା ବୃଦ୍ଧି ନିବେଦନ

ବାଲେଶ୍ୱର, ୪।୮ (ସମିସ): ବାଲିଆପାଳ ବ୍ଲକ ଅର୍ନ୍ତଗତ କଇଁନଗରୀ ଅଂଚଳର ହରିପ୍ରିୟା ଦାସ ଜଣେ ଅତ୍ୟନ୍ତ ଗରିବ ଓ ଦିବ୍ୟାଙ୍ଗ ବ୍ୟକ୍ତି ଅଟନ୍ତି। ସେ ଚକ୍ଷୁରୋଗରେ ପୀଡିତ ଥାଇ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଛନ୍ତି। ଏହି ବାବଦକୁ ମାସିକ ଏକ ହଜାର ଟଙ୍କା ପାଉଛନ୍ତି। ମାତ୍ର ଉକ୍ତ ଟଙ୍କାରେ ତାଙ୍କ ପରିବାର ପ୍ରତିପୋଷଣ କରିବା ସମ୍ଭବ ପର ହୋଇପାରୁ ନାହିଁ। ଏପରିକି ସେ ଅନ୍ୟ କୌଣସି କାର୍ଯ୍ୟ କରିବାକୁ ମଧ୍ୟ ଅକ୍ଷମ ଅଟନ୍ତି। ଏଣୁ ତାଙ୍କର ବିକଳାଙ୍ଗ ଭତା ବୃଦ୍ଧି କରିବା ପାଇଁ ଦାବି କରିଛନ୍ତି। ଯାହାଫଳରେ ତାଙ୍କର ଜୀବନଯାପନ ସଠିକ ଭାବେ ହୋଇପାରିବ ବୋଲି କହିଛନ୍ତି।

## ପୂର୍ବତନ ସରପଞ୍ଚଙ୍କ ବିୟୋଗ

ଜଳେଶ୍ୱର ବ୍ଲକ, ୪।୮ (ସମିସ): ଜଳେଶ୍ୱର ଅଞ୍ଚଳରେ ଜଣେ ଜଣାଶୁଣା ନାରୀ ନେତ୍ରୀ କମଳ କାମିନୀ ଦାସ ମହାପାତ୍ର ୮୩ ବର୍ଷ ବୟସରେ ସ୍ୱାସ୍ଥ୍ୟ ଗତ କାରଣ ଯୋଗୁ ବାଲେଶ୍ୱର ଜ୍ୟୋତି ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ସେ



ଖୁଦିଆମାଝୀସାହି ଗ୍ରାମ ପଞ୍ଚାୟତରେ କଂଗ୍ରେସ ଦଳ ପକ୍ଷରୁ ସରପଞ୍ଚ ଭାବେ ୧୯୯୭ରୁ ୨୦୦୨ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ସାନ ପୁଅ ପୂର୍ବତନ ପଞ୍ଚାୟତ ସମିତି ସଦସ୍ୟ ମାନସ ଦାସ ମହାପାତ୍ର ସୁବର୍ଣ୍ଣରେଖାର ନଦୀ କୂଳ ମଶାଣିରେ ମୁଖାଗ୍ନି ଦେଇଥିଲେ। ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ, କଂଗେସ ଦଳର ନେତା ସୁଦର୍ଶନ ଦାସ, ସରପଞ୍ଚ ଚଞ୍ଚଳା ସେଠୀ, କ୍ଷୀତିଶ ଦେ, ପୂର୍ବତନ ସରପଞ୍ଚ ସତ୍ୟଶୋଭନ ମିଶ୍ର ପ୍ରମୁଖ ତାଙ୍କ ପରିବାର ପାଖରେ ପହଞ୍ଚି ତାଙ୍କ ପରିବାର ବର୍ଗକୁ ସମବେଦନା ଜଣାଇଛନ୍ତି।

## ଶ୍ରାବଣର ଚତୁର୍ଥ ସୋମବାର

# ଚନ୍ଦନେଶ୍ୱର ପୀଠରେ ୩୦ହଜାର କାଉଡ଼ିଆ

ଚନ୍ଦନେଶ୍ୱର, ୪।୮ (ସମିସ)



ଭିଡ଼ ଯୋଗୁଁ ୫ ମହିଳା ସଂଜ୍ଞାହୀନ

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଚନ୍ଦନେଶ୍ୱର ପୀଠରେ ଶ୍ରାବଣର ଚତୁର୍ଥ ସୋମବାରରେ ହଜାର ହଜାର କାଉଡିଆ ଭକ୍ତଙ୍କ ସମକ୍ଷଗମରେ ପୀଠ ଭକ୍ତମୟ ହୋଇଉଠିଛି । ଆଜି ସକାଳେ ସେବାୟତ ମାନଙ୍କ ଦ୍ୱାରା ଚନ୍ଦନେଶ୍ୱରଜୀଉଙ୍କର ବିଶେଷ ନୀତିକାନ୍ତି ଓ ପୂଜାର୍ଚ୍ଚନା ପରେ ଭକ୍ତ ମାନଙ୍କ ଦର୍ଶନ ପାଇଁ ମନ୍ଦିର ଫିଟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହାପରେ ଭକ୍ତମାନେ ଲମ୍ବା ଧାଡ଼ିରେ ଶ୍ରୀ ଜିଉଙ୍କର ଦର୍ଶନ କରିବା ସହିତ ଜଳାଭିଷେକ କରିଥିଲେ। ଶୃଙ୍ଖଳିତ ଦର୍ଶନ ପାଇଁ ଟ୍ରଷ୍ଟବୋର୍ଡ ଓ ପ୍ରଶାସନ ତରଫରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ମନ୍ଦିରର ଦକ୍ଷିଣ ଦ୍ୱାର ପ୍ରବେଶ ପଥରେ ପ୍ରବଳ ଭିଡ଼ ଯୋଗୁଁ ୫ ଜଣ ମହିଳା ଭକ୍ତ ସଂଜ୍ଞାହୀନ ହୋଇ ପଡ଼ିଥିଲେ। ପୋଲିସ ସେମାନଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଆହତ ଭକ୍ତ ମାନେ ହେଲେ ପୁଟିଣା ଗ୍ରାମର ପୂଜାରାଣୀ ରାୟ (୨୧ ), ବାଲେଶ୍ୱର ଶେରଗଡ଼ର ସାବିତ୍ରୀ ବାରିକ (୩୧), ପଶ୍ଚିମବଙ୍ଗ କୁଦି ଅଂଚଳର ପୂଜା ମଣ୍ଡଳ (୩୪) ପ୍ରଭୃତି ୫ ଜଣ ମହିଳା ଭକ୍ତ ସଂଜ୍ଞାହୀନ ହୋଇପଡ଼ିଥିଲେ ।ଏହାଛଡ଼ା ଓଡିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର ପ୍ରଭୃତି ରାଜ୍ୟର ବିଭିନ୍ନ ଜଳାଶୟରୁ କାଉଡିଆ ଭକ୍ତମାନେ ପାଣି ଆଣି ଜଳାଭିଷେକ କରିଥାନ୍ତି। ଚନ୍ଦନେଶ୍ୱରଙ୍କର ନୀଳ ପୋଖରୀରୁ କାଉଡିଆ ଭକ୍ତମାନେ ପାଣି ନେଇ ବିଭିନ୍ନ ଶୈବ ପୀଠରେ ଜଳାଭିଷେକ କରିଥାନ୍ତି । ବିଶେଷ କରି ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କଟକ, ଅନୁଗୁଳ, ଭୁବନେଶ୍ୱର ସମେତ ପଶ୍ଚିମବଙ୍ଗର ପୂର୍ବମେଦିନୀପୁର ଜିଲ୍ଲାର କଣ୍ଟାଇ, ଦାନ୍ତୁଣ, କୁଦି, ଦିଘା, ରାମନଗର, ବସନ୍ତପୁର ପ୍ରଭୃତି ଅଂଚଳରୁ ୩୦ ହଜାରରୁ ଉର୍ଦ୍ଧ କାଉଡିଆ ଭକ୍ତ ଓ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥିଲା । ଜଳାଭିଷେକ ପାଇଁ ୩ ପ୍ଲାଟୁନ ପୁଲିସ ଫୋର୍ସ ଓ ୧୫ ଜଣ ଅଫିସ ର ନିୟୋଜିତ ହୋଇଥିବା ଜଳେଶ୍ୱର ଏସଡ଼ିପିଓ ସୁବ୍ରତ କୁମାର ବେହେରା ପ୍ରକାଶ କରିଛନ୍ତି। ମୌରସି ତପନ କୁମାର ପଣ୍ଡା, ଉପ ମୌରସୀ ବୁଦ୍ଧଦେବ ପଣ୍ଡା, ତାଳସାରୀ ମେରାଇନ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ ପ୍ରମୁଖ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।










## ଶିକ୍ଷକଙ୍କୁ କାରଣଦର୍ଶାଅ ନୋଟିସ

ବସ୍ତା ବ୍ଲକ, ୪।୮ (ସମିସ) : ବସ୍ତା ବ୍ଲକ ଦେଭୋଗ ପ୍ରାଥମିକ ସ୍କୁଲ ରେ କାର୍ଯ୍ୟରତ ଶିକ୍ଷକ ତନଞ୍ଜୟ ପାଣିଗ୍ରାହୀ ବସ୍ତା ଡାକବଙ୍ଗଳାରେ ଏକ ସାମ୍ବାଦିକ ସମ୍ମିଳନୀ କରି ସେହି ସ୍କୁଲ ରେ ବ୍ୟାପକ ଅନିୟମିତତା ଓ ଡଞ୍ଚକତା ହୋଇଥିବା ନେଇ ଗଣମାଧ୍ୟମରେ ନିଜର ପ୍ରତିକ୍ରିୟା ରଖିବା ସହିତ ବସ୍ତା ଶିକ୍ଷା ବିଭାଗ ଓ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟକୁ ଖୋଲା ଚ୍ୟାଲେଞ୍ଜ କରିବା ପରେ ଶିକ୍ଷା ବିଭାଗ ଉକ୍ତ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ କରିଥିବା ଜଣା ପଡିଛି।



